## କୁନ୍ଦୁଲି ପୀଡ଼ିତାଙ୍କ ଗାଁରେ ଜାତୀୟ ଏସ୍‌ସି କମିଶନ୍ ଟିମ୍

# ‘ଓଡ଼ିଶାରେ ମହିଳା ଅସୁରକ୍ଷିତ’

**ସୁବୋଧ ଚେଙ୍ଗୀ, କୋରାପୁଟ, ୧୨।୨ :**

ବହୁ ଚର୍ଚ୍ଚିତ କୁନ୍ଦୁଲି ‘ଗଣଦୁଷ୍କର୍ମ’ ଓ ପୀଡ଼ିତାଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ ପାଇଁ ଜାତୀୟ ଅନୁସୂଚିତ ଜାତି କମିଶନ୍‌ର ଏକ ୩ ଜଣିଆ ପ୍ରତିନିଧି ଦଳ ଆଜି ମୁଷାଗୁଡ଼ା ଗସ୍ତ କରିଥିଲେ। କମିଶନ୍‌ର ବରିଷ୍ଠ ସଦସ୍ୟ ଡ. ଯୋଗେନ୍ଦ୍ର ପାଶ୍ୱାନଙ୍କ ନେତୃତ୍ୱରେ ଏ ଭଙ୍ଗାଚାର୍ଯ୍ୟ ଓ ରାଜ୍ୟ ସରକାରଙ୍କ କଲ୍ୟାଣ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ରାଜକିଶୋର ଦାସଙ୍କୁ ନେଇ ଗଠିତ ଟିମ୍ ଆଜି ପୂର୍ବାହ୍ନରେ କୋରାପୁଟ ପହଞ୍ଚି ମୃତ ପୀଡ଼ିତାଙ୍କ ଗାଁ ମୁଷାଗୁଡ଼ା ଓ ଅନ୍ୟାନ୍ୟ ସ୍ଥାନକୁ ଯାଇଥିଲେ।

ଓଡ଼ିଶାରେ ମହିଳାମାନଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ବୋଲି ଡ. ପାଶ୍ୱାନ କହିବା ସହ ଦଳିତ ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଥିବା ଅଭିଯୋଗ କରିଛନ୍ତି। ପୀଡ଼ିତା ନ୍ୟାୟ ପାଇଁ ଲଢ଼ି ରାଜ୍ୟ ସରକାରଙ୍କ ଉପରେ ଆସ୍ଥା ହରାଇ ଶେଷରେ ଆତ୍ମହତ୍ୟା କରିଥିବା ବେଳେ ଆଜିଯାଏ ପୁଲିସ ଅଭିଯୁକ୍ତମାନଙ୍କୁ ଧରିନପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଡ. ପାଶ୍ୱାନ୍ କହିଛନ୍ତି। ପୁଲିସ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବା ବେଳେ ଘଟଣାକୁ ଚପାଇ ଦେବାକୁ ରାଜ୍ୟ ସରକାର ଉଦ୍ୟମ କରିଥିବା ସେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନଙ୍କୁ ପୁଲିସ ତୁରନ୍ତ ଗିରଫ କରୁ, ନଚେତ ଅନୁସୂଚିତ ଜାତି କମିଶନ ପୀଡ଼ିତା ପରିବାରକୁ ନ୍ୟାୟ ଦେବାରେ ସମ୍ପୂର୍ଣ୍ଣ ସହାୟତା କରିବ ବୋଲି ଡ. ପାଶ୍ୱାନ୍ ଗଣମାଧ୍ୟମ




ସମ୍ମୁଖରେ କହିବା ସହ ଘଟଣାର ସିବିଆଇ ତଦନ୍ତ ହେଲେ ଅସୁବିଧା କ’ଣ ବୋଲି ପ୍ରଶ୍ନ ଉଠାଇଛନ୍ତି। ସେ ଆହୁରି କହିଛନ୍ତି ପୀଡ଼ିତା ଯଦି ଗଣଦୁଷ୍କର୍ମର ଶିକାର ହୋଇନଥିଲେ ବୋଲି ଡାକ୍ତର ଟିମ୍ କହିଥିଲା, ତା’ ହେଲେ ‘ପକ୍ସୋ’ ଆକ୍ଟ କେମିତି ଲଗା ଗଲା ? ପୀଡ଼ିତାଙ୍କୁ କାହିଁକି ୧୦ ଦିନ ଯାଏ ମେଡିକାଲ୍‌ରେ ରଖା ଗଲା ବୋଲି ସେ ପ୍ରଶ୍ନ କରିବା ସହ ରାଜ୍ୟ ସରକାର ଘଟଣାର ଠିକ୍ ଭାବେ ତଦନ୍ତ କରି ନାହାନ୍ତି ବୋଲି ସେ କହିଛନ୍ତି।

ଆଜି ପ୍ରତିନିଧି ଦଳ ପ୍ରଥମେ ପୀଡ଼ିତାଙ୍କ ଗାଁ ମୁଷାଗୁଡ଼ା ଯାଇ ସେଠାରେ ତାଙ୍କ ମା’, ଭାଇ ଓ ଖୁଡ଼ିଙ୍କ ସହ ଏକ ଘଣ୍ଟା ଧରି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏହା ପରେ ଟିମ୍ ପୀଡ଼ିତା ପଢୁଥିବା ସୋରିଷପଦର ସ୍କୁଲକୁ ଯାଇ ପ୍ରଧାନ ଶିକ୍ଷକ ଓ ତାଙ୍କ ▶▶ ୭